## ରେସନ କାର୍ଡ ଆବେଦନ ପତ୍ରର ପ୍ରତ୍ୟାହାର/ଫେରସ୍ତ ପାଇଁ ଦରଖାସ୍ତ କେମିତି କରିବେ ।

1. ଯଦି କୌଣସି ଆବେଦନ କାରୀ ଭୁଲବଶତଃ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, 2013 ଅଧୀନରେ ହିତାଧିକାରୀ ହେବାପାଇଁ ଆବେଦନ କରିଥାନ୍ତି; କିନ୍ତୁ ବର୍ତ୍ତମାନ ତାହା ଫେରସ୍ତ ନେବାପାଇଁ ଇଚ୍ଛା କରୁଛନ୍ତି, ତାହେଲେ ଦୁଇଟି ଉପାୟରେ ଆପଣ ଏହା କରିପାରିବେ ।
2. ପ୍ରଥମ ଉପାୟରେ ଆପଣ ନିଜର ବ୍ଲକ ବା ସହରାଞ୍ଚଳର BDO ବା Executive Officer ବା ଯୋଗାଣ ନିରୀକ୍ଷକଙ୍କୁ ସାଦା କାଗଜରେ ଆପଣଙ୍କ ଆବେଦନ ପତ୍ରର ତଥ୍ୟ ଯଥା – ଏଗାର ସଂଖ୍ୟା ବିଶିଷ୍ଟ application form ନମ୍ବର, ନିଜ ନାମ, ପରିବାର ମୁଖ୍ୟଙ୍କ ନାମ, ମୋବାଇଲ ନମ୍ବର, ଠିକଣା ଏବଂ ଫେରସ୍ତ ନେବାର କାରଣ ଆଦି ଲେଖି ଆବେଦନ ପତ୍ର ଫେରସ୍ତ ନେବାପାଇଁ ଦରଖାସ୍ତ କରିପାରିବେ । ଏଥିପାଇଁ ଆପଣଙ୍କ ପ୍ରାପ୍ତି ସ୍ୱୀକାର ପତ୍ର (Acknowledgement Slip)ର ନକଲ ଉକ୍ତ ଦରଖାସ୍ତ ସହ ଦେବା ଆବଶ୍ୟକ । ଏହା June 16 ରୁ June 30 ମଧ୍ୟରେ ଆପଣଙ୍କ ବ୍ଲକ/ପୌର କାର୍ଯ୍ୟାଳୟରେ ଦାଖଲ କରିପାରିବେ ।
3. ଦ୍ୱିତୀୟ ଉପାୟରେ ଆପଣ Onlineରେ ଖାଦ୍ୟ ଯୋଗାଣ ବିଭାଗର ପୋର୍ଟାଲ www.foododisha.in କୁ ଯାଇ "NFSA 2013 ରେସନ କାର୍ଡ" link ମାଧ୍ୟମରେ ମଧ୍ୟ ଦରଖାସ୍ତ କରିପାରିବେ । ଏଥିପାଇଁ "NFSA 2013 ରେସନ କାର୍ଡ" link ରେ ଥିବା "Onlineରେ ଦରଖାସ୍ତ" ବାକ୍ସ ଉପରେ କ୍ଲିକ କଲେ ଗୋଟିଏ ଏଣ୍ଟ୍ରି ସ୍କ୍ରିନ ଦେଖାଦେବ । ସେ ସ୍କ୍ରିନରେ ଆପଣଙ୍କ ଏଗାର ସଂଖ୍ୟା ବିଶିଷ୍ଟ ଆବେଦନ ପତ୍ର ନମ୍ବର ଟାଇପ କରନ୍ତୁ । ଏହା ଦ୍ୱାରା ଆପଣଙ୍କ ଆବେଦନ ପତ୍ରର ଅନ୍ୟ ତଥ୍ୟ ଗୁଡିକ ଯଥା- ପରିବାର ମୁଖ୍ୟ, ଠିକଣା, ମୋବାଇଲ ନମ୍ବର, (ଯଦି ଦେଇଥାନ୍ତି) ସ୍କ୍ରିନରେ ଆପେ ଆପେ ଆସିଯିବ । ଆପଣ କେବଳ ଆପଣଙ୍କ ନାମ ଓ ମୋବାଇଲ ନମ୍ବର (ଯଦି ଦେଇନଥିବେ) ଟାଇପ କରିବେ । କେଉଁ କାରଣ ପାଇଁ ଆପଣ ଆବେଦନ ପତ୍ର ଫେରସ୍ତ ନେବାକୁ ଚାହୁଁଛନ୍ତି, ତାହା ଦିଆଯାଇଥିବା 4ଟି କାରଣରୁ ଚୟନ କରିବେ । ଯଦି ପଞ୍ଚମ କାରଣ 'ଅନ୍ୟାନ୍ୟ' ଚୟନ କରୁଛନ୍ତି, ତାହେଲେ ତାହା ବିସ୍ତୃତ କାରଣ ପାଇଁ ଦିଆଯାଇଥିବା ବାକ୍ସରେ ଟାଇପ କରନ୍ତୁ ।

ଏହା ପରେ 'Submit' ବଟନ ଉପରେ କ୍ଲିକ କରନ୍ତୁ ଏବଂ ତାହାପରେ 'Print' ବଟନ ଉପରେ କ୍ଲିକ କରି ଦରଖାସ୍ତର Printout ନିଅନ୍ତୁ । ସେଥିରେ ଆପଣ ଦସ୍ତଖତ କରି ଆପଣ ବ୍ଲକ କିମ୍ବା ପୌର କାର୍ଯ୍ୟାଳୟରେ ଦାଖଲ କରନ୍ତୁ । ଆପଣ କୌଣସି NACରେ ବାସିନ୍ଦା ହୋଇଥିଲେ, ନିକଟସ୍ଥ ବ୍ଲକ ଅଫିସରେ ଦାଖଲ କରନ୍ତୁ ।

4. ବ୍ଲକ/ ପୌର କାର୍ଯ୍ୟାଳୟରେ ଅଫିସରେ ଦାଖଲ ହୋଇଥିବା ପ୍ରତ୍ୟାହାର ବା ଫେରସ୍ତ ଦରଖାସ୍ତ ଗୁଡିକୁ ସମ୍ମିଳିତ କରି ସମ୍ପୃକ୍ତ BDO ବା EO ସେଠାରେ ଚାଲୁଥିବା ପଞ୍ଜିକରଣ ଓ ଡିଜିଟାଇଜେସନ ସେଣ୍ଟରର (RCDCର) ଅଧିକାରୀଙ୍କୁ ଦେବେ । Online ପ୍ରକ୍ରିୟାରେ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକୁ RCDCରେ Barcode reader ମାଧ୍ୟମରେ Master databaseରେ Tagging କରାଯିବ । ହାତଲେଖା ହୋଇଥିବା ପ୍ରତ୍ୟାହାର ଦରଖାସ୍ତ ଗୁଡିକୁ ସେଠାରେ ଥିବା ଡାଟା ଏଣ୍ଟ୍ରି ଅପରେଟର internet ସାହାଯ୍ୟରେ Master databaseରେ ସାମିଲ କରିବେ । ଏହି କାଯ୍ୟ June 16 ରୁ June 30 ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ।

5. ଜୁଲାଇ ମାସ 1 ତାରିଖ ଦିନ, RCDCର ଅଧିକାରୀ ସମସ୍ତ ଦରଖାସ୍ତକାରୀଙ୍କର ଏକ ପଞ୍ଚାୟତ/ ୱାର୍ଡ ୱାରୀ ତାଲିକା କମ୍ପୁଟରରୁ ବାହାରକରି ସମ୍ପୃକ୍ତ BDO ବା EO ଙ୍କୁ ଦେବେ । BDO ବା EO ତାଙ୍କ ପାଖରେ ଥିବା କ୍ଷେତ୍ର ଅଧିକାରୀଙ୍କ ଜରିଆରେ ଏହି ତାଲିକାର କ୍ଷେତ୍ର ନିରୀକ୍ଷଣ କରାଇବେ । ଏହି ଦରଖାସ୍ତ ଗୁଡିକର ସଠିକତା ଜାଣିବା ପାଇଁ କ୍ଷେତ୍ର ନିରୀକ୍ଷକ ନିହାତି ଆବଶ୍ୟକ କାରଣ ଯଦି କୌଣସି ବ୍ୟକ୍ତି mischief କରି ଅନ୍ୟ ଜଣଙ୍କ ନାମରେ ରେସନ କାର୍ଡ ଆବେଦନ ଫେରସ୍ତ ଦରଖାସ୍ତ ଦେଇଥାନ୍ତି, ତାହା ଏହା ଦ୍ୱାରା ଜଣାପଡିବ । କ୍ଷେତ୍ର ନିରୀକ୍ଷଣ 10ଦିନ ମଧ୍ୟରେ ସମାପ୍ତ କରାଯିବ ଏବଂ ଜୁଲାଇ ମାସ 13 ତାରିଖ ସୁଦ୍ଧା କ୍ଷେତ୍ର ଅଧିକାରୀମାନେ ସମସ୍ତ ପ୍ରତ୍ୟାହାର ଦରଖାସ୍ତର ସଠିକତା BDO ବା EOଙ୍କୁ ଜଣାଇବେ । ଏହା RCDCର ଅଧିକାରୀ master database ରେ ପୂରଣ କରି ସଠିକଥିବା ସମସ୍ତଙ୍କୁ ଆବେଦନକାରୀ ତଥ୍ୟାବଳୀରୁ ବାଦ (Delete) ଦେବେ । ଏହା **15 July 2015** ମଧ୍ୟରେ ସମାପନ କରାଯିବ ।